### ଅବକାରୀ ଚଢ଼ାଉ, ୩ ଗିରଫ

କୁଳିଅଣା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ଅବକାରୀ ଥାନା ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ମଦ ବିକ୍ରୟ କରୁଥିବା ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବାଙ୍ଗିରିପୋଷିର ମାଳତୀ ମୁର୍ମୁ, କୁଳିଅଣା ଅନ୍ଧାରୀ ଗ୍ରାମର ରିନ ହାଁସଦା ଓ ମଣଦାର ପଦ୍ମଲୋଚନ ବେହେରା। ଏନେଇ ଏକ ମାମଲା(ନଂ.୯୯/୨୧) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ପାନୀୟଜଳ ପ୍ରକଳ୍ପ ଶିଳାନ୍ୟାସ



ବାଲେଶ୍ୱର ଅଫିସ, ୧୭।୧୧-ବାଲେଶ୍ୱର ସଦର ବ୍ଲକ ଅଧୀନ କୁରାଢ଼ିଆ ଏବଂ ସାନଧନାଡ଼ି ଗ୍ରାମକୁ ପାଇପ ଯୋଗେ ପାନୀୟଜଳ ପ୍ରକଳ୍ପ ଶିଳାନ୍ୟାସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ, ପାନୀୟଜଳ ବିଭାଗ ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପକୁ କୁରାଢ଼ିହା ପଞ୍ଚାୟତ ସରପଞ୍ଚ ରଶ୍ମିତା ସିଂ ଶିଳାନ୍ୟାସ କରିଛନ୍ତି। ପଞ୍ଚାୟତ ସଭାପତି ସଦାଶିବ ଜେନା, ନାଏବ ସରପଞ୍ଚ ଗୀତାଞ୍ଜଳି ଧଳ, କାର୍ତ୍ତିକ ପ୍ରଧାନ, ରାଜକିଶୋର ମହାଳିକ, ନିରଞ୍ଜନ ଧଳ, ପୁରୁଷୋତ୍ତମ ବାରିକ, ସନ୍ତୋଷ ଧଳ, କୁଲୁ ଦାସ, ଆଦିକନ୍ଦ ବେହେରା, ଚନ୍ଦ୍ରକାନ୍ତ ବେହେରା, ରତିକାନ୍ତ ଧଳ, ରବୀନ୍ଦ୍ର ବେହେରା, ସୁଶାନ୍ତ ଧଳ, ମୃତ୍ୟୁଞ୍ଜୟ ଗିରି, ନିରଞ୍ଜନ ବାରିକ, ବିଶ୍ୱନାଥ ଧଳ, ଗଙ୍ଗାନଗର ଦାସ, ପଚା ଗିରି ଓ ସନିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବସ୍ ଧକ୍କାରେ ଛାତ୍ରୀଛାତ୍ର ଆହତ ପ୍ରତିବାଦରେ ରାସ୍ତାରୋକୋ

ବାସୁଦେବପୁର,୧୭।୧୧(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର କଣ୍ଟିଆନାଳୀ ଘୋଷରାଠାରେ ବୁଧବାର ଏକ ବସ୍ ଧକ୍କାରେ ୨ଜଣ ସ୍କୁଲ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନେ ହେଲେ ବିଦେଇପୁର ଗ୍ରାମର ଶଙ୍କର୍ଷଣ କାଣ୍ଡିଙ୍କ ଝିଅ ରଶ୍ମିତା(୧୦) ଓ ସୁବାସ କାଣ୍ଡିଙ୍କ ପୁଅ ବାପୁନୁ(୧୦)। ସେମାନେ ସମ୍ପର୍କୀୟ ଭାଇ ଭଉଣୀ। ଉକ୍ତ ରାସ୍ତାରେ ଯାଉଥିବା ବେଳେ ବସ୍‌ଟି ସେମାନଙ୍କୁ ଧକ୍କା ଦେଇଥିଲା। ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଭଦ୍ରକ ପଠାଯାଇଥିଲା। ଦୁର୍ଘଟଣା ପରେ ଉତ୍ତେଜିତ ଲୋକେ ଘଟଣାସ୍ଥଳରେ ରାସ୍ତାରୋକୋ କରିଥିଲେ। କଷିଆ ସାମୁଦ୍ରିକ ଥାନା ଆଇଆଇସି ପ୍ରଦୀପ କୁମାର ମାଝି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

### ଝୁଲନ୍ତା ମୃତଦେହ ଜବତ

ଖଇରା,୧୭।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମ ବିଲ ମଝିରେ ଥିବା ଆମ୍ବଗଛରୁ ବିଜୟ କୁମାର ସାହୁ(୨୪) ନାମକ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ବୁଧବାର ସକାଳେ ଗ୍ରାମବାସୀ ବିଲକୁ ଯିବା ବେଳେ ବିଜୟଙ୍କ ମୃତଦେହ ଆମ୍ବଗଛରେ ଝୁଲୁଥିବା ଦେଖିଥିଲେ। ପରେ ୱାର୍ଡସଭ୍ୟ ବୁଦ୍ଧିରାମ ନାୟକ ଏନେଇ ପରିବାର ଲୋକଙ୍କୁ ଖବର ଦେବା ସହିତ ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଖଇରା ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡ଼ିକାଲକୁ ପଠାଇଛି। ଏନେଇ ଏକ ମାମଲା (ନଂ.୨୭/୨୧) ରୁଜୁ ହୋଇ ତଦନ୍ତ ଜାରି ରହିଛି।

### ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ

ଚମ୍ପୁଆ, ୧୭।୧୧(ଡି.ଏନ.ଏ.)-ମହିଳା ତଥା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ବିଦ୍ୟୁତ ବିଭାଗର ବିଭିନ୍ନ କାର୍ଯ୍ୟ ହସ୍ତାନ୍ତର କରାଯିବ ବୋଲି ପଦକ୍ଷେପ ନିଆଯାଇଛି। ଏ ନେଇ ଇଚ୍ଛୁକ ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ ପରେ ଦାୟିତ୍ୱ ହସ୍ତାନ୍ତର କରାଯିବ। ବୁଧବାର ଚମ୍ପୁଆ ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଡ଼ା, ଚମ୍ପୁଆ ଓ ଝୁମ୍ପୁରା ବ୍ଲକ ଅଞ୍ଚଳର ପ୍ରାୟ ୭୭ ଏସଏଚଜି ଗୋଷ୍ଠୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ଜେନା, ସିଡିପିଓ ସୀତା ମୁର୍ମୁ, ସହକାରୀ ଯନ୍ତ୍ରୀ ଉଦୟନାରାୟଣ ପାତ୍ର, ଟାଟା ପାୱାର ଅଧିକାରୀ ଦିଲୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇ ମହିଳାଙ୍କୁ ସରକାରଙ୍କ ଯୋଜନା ସମ୍ବନ୍ଧରେ ସୂଚନା ଦେବା ସହିତ ବିଦ୍ୟୁତ ବିଭାଗରେ ବିଲ ବଣ୍ଟନ ଓ ବିଦ୍ୟୁତ ବିଲ ଆଦାୟ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ସୂଚନା ଦେଇଥିଲେ। ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ଏଥିପ୍ରତି ଆଗ୍ରହ ପ୍ରକାଶ କରିବେ ସେମାନଙ୍କୁ ତାଲିମ ଦିଆଯାଇ ନିଜ ନିଜ ଅଞ୍ଚଳରେ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରାଯିବ ବୋଲି ସହକାରୀ ଯନ୍ତ୍ରୀ ପାତ୍ର ସୂଚନା ଦେଇଛନ୍ତି।

# ରେଳ ସଂଗ୍ରହାଳୟ ଲୋକାର୍ପିତ

ବାରିପଦା ଅଫିସ,୧୭।୧୧



ସଂଗ୍ରହାଳୟରେ ସୁସଜ୍ଜିତ ପୁରାତନ ବାଷ୍ପଚାଳିତ ରେଳ ଇଞ୍ଜିନ।

ମୟୂରଭଞ୍ଜ ଜିଲା ବାରିପଦାଠାରେ ବହୁ ପ୍ରତୀକ୍ଷିତ ଐତିହ୍ୟ ରେଳ ସଂଗ୍ରହାଳୟ ବୁଧବାର ଲୋକାର୍ପିତ ହୋଇଛି। ଦକ୍ଷିଣପୂର୍ବ ରେଲୱେ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ.ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସଂଗ୍ରହାଳୟକୁ ଲୋକାର୍ପଣ କରିଥିଲେ। ଜିଲାରେ ରେଳ ସେବାର ବ୍ୟାପକ ପରିବର୍ତ୍ତନ କରାଯିବା ସହ ଜିଲାବାସୀଙ୍କ ଦାବି ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିପରି ସଂଗ୍ରହାଳୟରେ ପିଲାଙ୍କ ଖେଳିବା ପାଇଁ ଏକ ଟୟ ରେଳ ସେବା ସହିତ ଆକର୍ଷଣୀୟ ପାର୍କ ନିର୍ମାଣ, ବାଙ୍ଗିରିପୋଷିରେ ଗୋଦାମ ଗୃହ ନିର୍ମାଣ ଓ ବାଙ୍ଗିରିପୋଷି-ଗୋରୁମହିଷାଣୀ ଦେଇ ଟାଟା ସହିତ ରେଳପଥ ସଂଯୋଗ ପାଇଁ ରେଳମନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିବା ସେ କହିଥିଲେ।

ଉଲ୍ଲେଖଯୋଗ୍ୟ, ସ୍ୱାଧୀନତା ପୂର୍ବରୁ ୧୯୦୪ରେ ମୟୂରଭଞ୍ଜର ପ୍ରଜା ବତ୍ସଳ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଜିଲାରେ ରେଳ ଚଳାଚଳ ଆରମ୍ଭ କରିଥିଲେ। ରେଳସେବାର ମୂକସାକ୍ଷୀ କୁହାଯାଉଥିବା ବାଷ୍ପଚାଳିତ ଇଞ୍ଜିନ ଓ ଡବାଗୁଡ଼ିକ ବାରିପଦା ରେଳଷ୍ଟେଶନ ଷ୍ଟକ ୟାର୍ଡ଼ରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। ଖଡ଼ଗପୁର ରେଳ ଡିଭିଜନ ପକ୍ଷରୁ ୧କୋଟି ୫୫ଲକ୍ଷ ଟଙ୍କାରେ ଏହି ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇ ସେଗୁଡ଼ିକୁ ନୂତନ ରୂପ ଦିଆଯାଇଛି। ଏହା ସହିତ ୧୧୮ବର୍ଷ ପୂର୍ବେ ପ୍ରଚଳିତ ମୟୂରଭଞ୍ଜ ରେଳସେବାର ଅନେକ ସ୍ମୃତି ଏହି ସଂଗ୍ରହାଳୟରେ ସ୍ଥାନ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ରେଲୱେର ପ୍ରଧାନ ଆର୍ଥିକ ପରାମର୍ଶଦାତା ପ୍ରଶାନ୍ତ ମିଶ୍ର, ଦକ୍ଷିଣପୂର୍ବ ମଣ୍ଡଳ ରେଳ ପ୍ରବନ୍ଧକ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଓଡ଼ିଶା ପ୍ରତି ରହିଥିବା ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବ୍ୟବସାୟୀ ରାଜେଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ଫାଟକ ଉଠାଇବାକୁ ଯାଇ ପ୍ରଶାସନ ନିରାଶ

### ପ୍ରସ୍ତାବିତ ବନ୍ଦର, ପେଟ୍ରୋକେମିକାଲ୍ସ ପ୍ଲାଣ୍ଟକୁ ବିରୋଧ

ବାଲିଆପାଳ, ୧୭।୧୧(ସ୍ୱ.ପ୍ର.)

ଦକ୍ଷିଣ ବାଲିଆପାଳରେ ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋକେମିକାଲ୍ସ ପ୍ଲାଣ୍ଟକୁ ବିରୋଧ କରି ମୁଖ୍ୟ ରାସ୍ତା ବଡଗୁମୁଟି ଛକରେ ୬ପଞ୍ଚାୟତର ଲୋକଙ୍କ ସହମତିକ୍ରମେ ମୁଖ୍ୟ ପ୍ରବେଶ ଦ୍ୱାରକୁ ବନ୍ଦ କରାଯାଇ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଫାଟକ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ପ୍ରଶାସନ ଫାଟକ ହଟାଇବାକୁ ଯାଇ ନିରାଶ ହୋଇ ଫେରିଛି। ହଜାର ହଜାର ମହିଳା ପୁରୁଷଙ୍କ ତୀବ୍ର ବିରୋଧ ଯୋଗୁ ଜିଲାପାଳ, ଡିଆଇଜି, ବାଲିଆପାଳ ଏବଂ ସିଂଲା ପୋଲିସ ୧ ପ୍ଲାଟୁନ ପୋଲିସଫୋର୍ସ ସହ ଘଟଣାସ୍ଥଳରୁ ଫେରିଯିବାକୁ ବାଧ୍ୟ ହୋଇଛନ୍ତି।

ଭିଟାମାଟି ସୁରକ୍ଷା କମିଟି ତରଫରୁ ଜନ୍ମ ମାଟିକୁ ବଞ୍ଚାଇବା ପାଇଁ ଚଳିତ ମାସ ୨ରୁ ୧୫ତାରିଖ ପର୍ଯ୍ୟନ୍ତ ପ୍ରକଳ୍ପ ପ୍ରସ୍ତାବିତ ୬ ପଞ୍ଚାୟତରେ ଜନଜାଗରଣ କାର୍ଯ୍ୟକ୍ରମ କରାଯାଇଥିଲା। ଜମ୍ବିରାଇ ପଞ୍ଚାୟତର ଶହ ଶହ ପଞ୍ଚାୟତବାସୀ ମୋଟରସାଇକେଲ ରାଲିରେ ବାହାରି ଚୌମୁଖ ଗ୍ରାମର ଶିବମନ୍ଦିର ପାଖରେ ପହଞ୍ଚିଥିଲେ। ନୂଆଗାଁ, ଅପଡ଼ିହା, ନାରଣପୁର ଡଗରା, ଚୌମୁଖ ପଞ୍ଚାୟତର ଲୋକମାନେ ନିଜ ନିଜ ପଞ୍ଚାୟତରୁ ମୋଟର ସାଇକେଲ ରାଲିରେ ସାମିଲ ହୋଇ ଡଗରା ବଡଗୁମୁଟି ଛକରେ ପହଞ୍ଚିଥିଲେ। ବାଲିଆପାଳ ପଟରୁ ବନ୍ଦର ଓ ପ୍ଲାଣ୍ଟକୁ ଯିବା ମୁଖ୍ୟ ରାସ୍ତା ବଡଗୁମୁଟି ଛକରେ ୬ ପଞ୍ଚାୟତର ଲୋକଙ୍କ ଉପସ୍ଥିତି ଓ ସହମତିକ୍ରମେ ରାସ୍ତାକୁ ବନ୍ଦ କରି ପ୍ରବେଶ ଦ୍ୱାରରେ ଫାଟକ ସ୍ଥାପନ କରାଯାଇଥିଲା। ଏହି ଖବରପାଇ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, କେନ୍ଦ୍ରାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ସିଂଲା ପୋଲିସ, ବାଲିଆପାଳ ପୋଲିସ ୧ପ୍ଲାଟୁନ ପୋଲିସ ଫୋର୍ସ ବଡଗୁମୁଟି ଛକରୁ ଗେଟ ହଟାଇବାକୁ ଯାଇଥିଲେ। ହଜାର ହଜାର ଲୋକଙ୍କ ତୀବ୍ର ବିରୋଧ ଯୋଗୁ ପ୍ରଶାସନକୁ ନିରାଶ ହୋଇ ଫେରିବାକୁ ପଡ଼ିଛି।

## ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

ଖଇରା, ୧୭।୧୧(ଡି.ଏନ.ଏ.)

ସୋର-କୁପାରୀ ରାସ୍ତାର ଖଇରା ଥାନା ଅଧୀନ କୁପାରୀ ବାଳିକା ହାଇସ୍କୁଲ ନିକଟରେ ଦ୍ରୁତଗତିରେ ଗାଡିଚାଳନା ଯୋଗୁ ଦୁର୍ଘଟଣାରେ ଉକ୍ତ ବାଳିକା ବିଦ୍ୟାଳୟ ପ୍ରତିଷ୍ଠାତା କମଳାକାନ୍ତ ବିଶ୍ୱାଳଙ୍କ ମୃତ୍ୟୁ ହୋଇଥିଲା। ଖଇରା ପୋଲିସ ଦୁର୍ଘଟଣା ଘଟାଇଥିବା ନହଙ୍ଗ ଗ୍ରାମର ପବିତ୍ର ଖଟୁଆଙ୍କ ନାମରେ ୧୨ତାରିଖରେ ଏକ ମାମଲା(ନଂ.୨୪୬/୨୧) ରୁଜୁ କରିଥିଲା। ହେଲେ ଏହାର ୬ଦିନ ଅତିକ୍ରାନ୍ତ ହୋଇଯାଇଥିଲେ ହେଁ ପୋଲିସ ଅଭିଯୁକ୍ତଙ୍କୁ ଧରିପାରିନାହିଁ। ଏହା ଏକ ହତ୍ୟା ଘଟଣା। ଅଭିଯୁକ୍ତଙ୍କୁ ସ୍ଥାନୀୟ ନେତୃବୃନ୍ଦ ଛତ୍ରଛାୟା ତଳେ ଆଶ୍ରୟ ଦେଇଥିବାରୁ ପୋଲିସ ଗିରଫ କରୁ ନ ଥିବା ମୃତ କମଳାକାନ୍ତଙ୍କ ପୁଅ ଶ୍ରୀମନ୍ତ ଅଭିଯୋଗ କରିଛନ୍ତି। ଯଦି ଏକାଦଶାହ ପୂର୍ବରୁ ଗିରଫ କରା ନ ଯାଏ ତେବେ ଏସ୍‌ପିଙ୍କୁ ଭେଟିବା ସହ ଧାରଣାରେ ବସିବାକୁ ସେ ଚେତାବନୀ ଦେଇଛନ୍ତି। ତଦନ୍ତ ଅଧିକାରୀ ଜେ. ମଲ୍ଲିକ କହିଛନ୍ତି ଅଭିଯୁକ୍ତ ଫେରାର ଅଛନ୍ତି, ଧରିବାକୁ ଉଦ୍ୟମ ଜାରି ରହିଛି।

## ଦ୍ୱାରଶୁଣି ଘାଟିରେ ଦୁର୍ଘଟଣା

### ୨ ଟ୍ରକ୍ ଚାଳକ ଆହତ

ବାଙ୍ଗିରିପୋଷି,୧୭।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟି ରାସ୍ତାରେ ବୁଧବାର ସକାଳେ ୨ ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଟ୍ରକ୍‌ର ଚାଳକ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ରାୟପୁରରୁ ରଙ୍ଗ ବୋଝେଇ କରି ଖଡ଼ଗପୁର ଯାଉଥିବା ଏକ ଟ୍ରକ୍ ସହ ପଶ୍ଚିମବଙ୍ଗରୁ ମହାରାଷ୍ଟ୍ର ଅଭିମୁଖେ ଯାଉଥିବା ଅନ୍ୟ ଏକ ମାଲ୍ ବୋଝେଇ ଟ୍ରକ୍‌ର ଧକ୍କା ହୋଇଥିଲା। ଗୋଟିଏ ଟ୍ରକ୍ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଘାଟି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ହୋଇ ଯାଇଥିଲା। ବାଙ୍ଗିରିପୋଷି ଥାନା ପୋଲିସ ପହଞ୍ଚି ଉଭୟ ଟ୍ରକ୍‌ର ଚାଳକଙ୍କୁ ଉଦ୍ଧାର କରିଥିଲା। ଦୀର୍ଘ ୫ ଘଣ୍ଟା ପରେ ଘାଟି ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ପ୍ରଶାସନିକ ଅବହେଳା: କିରାଣିଙ୍କ ଜୀବନ ଗଲା

ସିମୁଳିଆ, ୧୭।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ଥାନା ସମ୍ମୁଖ ୧୬ନଂ. ଜାତୀୟ ରାଜପଥରେ ବୁଧବାର ପୂର୍ବାହ୍ନ ସମୟରେ ସଡ଼କ ଦୁର୍ଘଟଣା ଘଟି ସୋର ଜଳ ପରିମଳ ବିଭାଗର ବରିଷ୍ଠ କିରାଣି ସଞ୍ଜୟ ସାହୁ(୫୦)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଭଦ୍ରକ ଜିଲା କୁଆଁଶ ଅଞ୍ଚଳରେ। ସଞ୍ଜୟ ବାଇକ୍(ନଂ. ଓଡ଼ି୦୨ବିବି-୩୫୨୮) ଯୋଗେ ସୋର ଅଭିମୁଖେ ଯାଉଥିବା ବେଳେ ତାଙ୍କ ଆଗରେ ଥିବା ଟ୍ରକ ଥାନା ସମ୍ମୁଖ ରାଜପଥରେ ନିର୍ମିତ ହମ୍ପସରେ ବ୍ରେକ ମାରିଥିଲା। ସଞ୍ଜୟ ହଠାତ୍ ବାମପାର୍ଶ୍ୱକୁ ବାଇକ ମୋଡ଼ିବା ବେଳେ ପୋଲିସ ଦ୍ୱାରା ରାସ୍ତା ପାର୍ଶ୍ୱରେ ଅଟକି ରହିଥିବା ଜବତ ଟ୍ରକ୍ (ନଂ. ଓଆର୦୧କ୍ୟୁ-୬୬୬୯) ସହିତ ଧକ୍କା ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ମେଡିକାଲକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଉଲ୍ଲେଖଯୋଗ୍ୟ, ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଛି। ତେବେ ପୋଲିସ ମାସ ମାସ ଧରି ଉଭୟ ରାସ୍ତା ପାର୍ଶ୍ୱରେ ୧୩ଟି ଜବତ ଟ୍ରକଗୁଡ଼ିକର ଚକରୁ ପମ୍ପ ଖୋଲି ଅଟକ ରଖିଛି। ଫଳରେ ରାସ୍ତା ସଙ୍କୁଚିତ ହେବା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିଲେ ମଧ୍ୟ ପୋଲିସ ଏହାକୁ ଗୁରୁତ୍ୱ ଦେଉନାହିଁ। ସେହିପରି ଗତ ସନ୍ଧ୍ୟାରେ ଥାନା ସମ୍ମୁଖ ରାଜପଥରେ ହମ୍ପସ୍ ନିର୍ମାଣ କରାଯାଇଥିଲେ ହେଁ କୌଣସି ସୂଚନାଫଳକ କିମ୍ବା ଚିହ୍ନ ଦିଆଯାଇନାହିଁ। ଫଳରେ ଦୈନିକ ବାଇକ୍ ଯୋଗେ ଯାତାୟାତ କରୁଥିବା ସଞ୍ଜୟ ହମ୍ପସ ସମ୍ପର୍କରେ ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି।

## ଆବର୍ଜନା ପାଇଁ ମିଳୁନି ଜାଗା



ଆବର୍ଜନା ଫିଙ୍ଗାଯାଇଥିବା ସ୍ଥାନକୁ ବିଧାୟକ ମୋହନ ମାଝି ବୁଲି ଦେଖୁଛନ୍ତି।

### ବର୍ଜ୍ୟବସ୍ତୁ ପରିଚାଳନାରେ ପୌରପାଳିକା ବିଫଳ : ମୋହନ

କେନ୍ଦୁଝର, ୧୭।୧୧ (ସ୍ୱ.ପ୍ର.)

ବର୍ଜ୍ୟବସ୍ତୁ ପରିଚାଳନାରେ କେନ୍ଦୁଝରଗଡ଼ ପୌରପାଳିକା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସଦର ବିଧାୟକ ମୋହନ ମାଝି ଅଭିଯୋଗ କରିଛନ୍ତି। ବୁଧବାର ସହରର ବିଭିନ୍ନ ମଇଳା ଆବର୍ଜନା ଜମା କରାଯାଉଥିବା ଅଞ୍ଚଳ ପରିଦର୍ଶନ କରି ସେ ଏହା କହିଛନ୍ତି। ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଜମି ମିଳିଯାଉଛି। କିନ୍ତୁ ସ୍ୱଚ୍ଛ ଭାରତ ଅଭିଯାନ ଭଳି କାର୍ଯ୍ୟକ୍ରମରେ ମଇଳା ଆବର୍ଜନା ପରିଚାଳନା ପାଇଁ ଦୀର୍ଘ ବର୍ଷ ଧରି ଜମି ମିଳୁ ନ ଥିବା ଆଳରେ ଏଣେ ତେଣେ ମଇଳା ଆବର୍ଜନା ଫିଙ୍ଗା ଯାଉଥିବା ସେ ପ୍ରକାଶ କରିଛନ୍ତି।

ଦୀର୍ଘ ବର୍ଷ ପରେ ମଧ୍ୟ କେନ୍ଦୁଝରଗଡ଼ ପୌରପାଳିକା ଡମ୍ପିୟାର୍ଡ ପାଇଁ ଜାଗା ଚିହ୍ନଟ କରିପାରି ନ ଥିବାରୁ ଏଣେ ତେଣେ ରାସ୍ତାକଡରେ ମଇଳା ଆବର୍ଜନା ପକାଯାଉଛି। ଫଳରେ ସହର ସୌନ୍ଦର୍ଯ୍ୟହାନୀ ହେବା ସହ ପରିବେଶ ବହୁମାତ୍ରାରେ ପ୍ରଦୂଷିତ ହେଉଛି। କିଛି ଦିନ ତଳେ ଏଭଳି ଏନ୍‌ଏଚ୍ ୪୯ ପାର୍ଶ୍ୱ ଜୁଡ଼ିଆ ଘାଟିରେ ପକାଯାଉଥିବା ଆବର୍ଜନାକୁ ପୋଡ଼ିବା ବେଳେ ପାଖ ଜଙ୍ଗଲରେ ନିଆଁ ଲାଗିବା ସହ ପରିବେଶ ପ୍ରଦୂଷଣ ହୋଇଥିଲା। ଏନେଇ ପରିବେଶବିତମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପରେ ପୌରପାଳିକା ପକ୍ଷରୁ ଧାଙ୍ଗରପଡ଼ା ଜାତୀୟ ରାଜପଥ ୪୯ ପାର୍ଶ୍ୱ ଏବଂ ପୌରପାଳିକା ପକ୍ଷରୁ ନିର୍ମିତ ଗୋଦାମ ଗୃହ ଏବଂ ମାଛମାଂସ ଦୋକାନ ସମ୍ମୁଖରେ ଆବର୍ଜନା ପକାଯାଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ମଇଳା ଆବର୍ଜନା ସ୍ଥଳରେ କୁକୁର, ଗୋରୁଗାଈ ଆଦି ଖାଦ୍ୟ ପାଇଁ ବୁଲୁଥିବାରୁ ସେମାନଙ୍କ ପାଇଁ ବିପଦ ଆଶଙ୍କା ରହିଛି। ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ସହରରେ ମ୍ୟାଲେରିଆ, ଡେଙ୍ଗୁ ଆଦି ଭଳି ରୋଗ ବ୍ୟାପିବା ଆଶଙ୍କା ରହୁଛି ବୋଲି ପୂର୍ବତନ ପୌରପାଳିକା ଅଧ୍ୟକ୍ଷ ପ୍ରଭଞ୍ଜନ ପଟ୍ଟନାୟକ କହିଛନ୍ତି । ଏନେଇ ପଦକ୍ଷେପ ନିଆ ନ ଗଲେ ଭାଜପା ପକ୍ଷରୁ ବାଧ୍ୟ ହୋଇ ଆନ୍ଦୋଳନ କରାଯିବ ବୋଲି ବିଧାୟକ ମାଝୀ ଚେତାବନୀ ଦେଇଛନ୍ତି।

## ବିର୍ଲା ଟାୟାର୍ସ କାର୍ଯ୍ୟକ୍ଷମ ଲାଗି ସମାବେଶ

ବାଲେଶ୍ୱର ଅଫିସ,୧୭।୧୧

ବାଲେଶ୍ୱରଠାରେ ବୁଧବାର ବିର୍ଲା ଟାୟାର୍ସର ଏକ ମିଳିତ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ହିନ୍ଦ ମଜଦୁର ସଭା ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ବିର୍ଲା ଟାୟାର୍ସ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ଚେଷ୍ଟା କରୁଛନ୍ତି। ସେହିପରି ଜିଲାରେ ବନ୍ଦ ଥିବା ଶିଳ୍ପାନୁଷ୍ଠାନଗୁଡ଼ିକ କିପରି କାର୍ଯ୍ୟ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯାଉଥିବା ପ୍ରକାଶ କରିଥିଲେ। ସଭା ସମ୍ପାଦକ ଏସ୍‌କେ ମୟୁଦ୍ଦିନ, ଉପେନ୍ଦ୍ର ବେହେରା, ଶିବ ପ୍ରସାଦ ଦାସ, ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ବିର୍ଲା ଟାୟାର୍ସ ଦରମା, ପିଏଫ୍, ଏଲ୍‌ଆଇସି, ଗ୍ରାଚ୍ୟୁଇଟି ଏବଂ ବହୁ ପରିମାଣରେ ଶ୍ରମିକଙ୍କର କ୍ଷତି ଭରଣା ବାବଦରେ ଆଲୋଚନା କରିଥିଲେ। ବହୁ ଶ୍ରମିକ ଅର୍ଥ ଅଭାବରୁ ହୃଦ୍‌ଘାତରେ ଅପମୃତ୍ୟୁ ହୋଇଥିବା ବେଳେ କାରଖାନା ଉପରେ ନିର୍ଭର କରୁଥିବା ଛୋଟବଡ଼ ବ୍ୟବସାୟୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ପ୍ରକାଶ କରିଥିଲେ। ଆସନ୍ତା ୨୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ କାର୍ଯ୍ୟକ୍ରମ ରହିଛି। ତେଣୁ ଜିଲାର ସମସ୍ତ ଶିଳ୍ପାଞ୍ଚଳ ଚାଲୁ କରିବା ପାଇଁ ଦାୟିତ୍ୱ ନେବେ ବୋଲି ଶ୍ରମିକମାନେ ଆଶା କରୁଛନ୍ତି।

## ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ

ଭଣ୍ଡାରିପୋଖରୀ,୧୭।୧୧ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଷୋଳମପୁର ପଞ୍ଚାୟତ ମୁଡ଼ପଦାଠାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବହୁ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି ସମ୍ପାଦକ ପ୍ରୟାସକାନ୍ତି ସାମଲଙ୍କ ଉପସ୍ଥିତିରେ ଷୋଳମପୁର ସରପଞ୍ଚ ଭାଗ୍ୟଶ୍ରୀ ଯେନାଙ୍କ ସମେତ ବରହନୁଆପଡ଼ା, ଚାଙ୍ଗୁଆ, ଷୋଳମପୁର ଓ ମଣିନାଥପୁର ଗ୍ରାମର ଶତାଧିକ କର୍ମୀ ବିଜେଡିରେ ମିଶିଥିଲେ। ରାଜ୍ୟ ସମ୍ପାଦକ ସାମଲ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବିଜେଡି ନେତା ଉତ୍କଳ କେଶରୀ ମହାନ୍ତି, ପରମାନନ୍ଦ ନାୟକ, ବିଦ୍ୟାଧର ଜେନା, ଅରବିନ୍ଦ ନାୟକ, ପ୍ରଫୁଲ୍ଲ ନାୟକ, ନରହରି ମହାନ୍ତି, ଗଜେନ୍ଦ୍ର ଦାସ, ସୁରଥ ଦାସ, ସରୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଦିବାସୀ ସେଙ୍ଗେଲ୍ ଅଭିଯାନ ପକ୍ଷରୁ ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭଦ୍ରକ ଅଫିସ, ୧୭।୧୧

ଆଦିବାସୀ ସେଙ୍ଗେଲ୍ ଅଭିଯାନ (ଏଏସ୍‌ଏ)ର ଭଦ୍ରକ ଜିଲା କମିଟି ପକ୍ଷରୁ ୫ ଦଫା ଦାବିରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସତୀ ପ୍ରଥା ଭଳି ଆଦିବାସୀ ଗ୍ରାମ ସମାଜରେ ଥିବା ଡାହାଣୀ ପ୍ରଥାର ବିଲୋପ ସହ ଏହାର ପ୍ରତିକାର ଦିଗରେ ଜିଲା ପୋଲିସ ପ୍ରଶାସନ ସହାୟତାରେ ସମାଧାନ ପାଇଁ ସମନ୍ୱୟ ବୈଠକ କରିବା, ଏ ଦିଗରେ ଥିବା ସାମୂହିକ ଜରିମାନା ମୁକ୍ତ କରିବା, ଆଦିବାସୀ ସ୍ୱଶାସନ ପ୍ରମୁଖ (ମାଝୀ-ପାର୍ଗାନା)ର ଦାୟିତ୍ୱ ନିଷ୍ପତ୍ତି, ଆଦିବାସୀ ଗ୍ରାମ ସମାଜର ସୁଧାର ଦିଗରେ ଉନ୍ନତିମୂଳକ କାର୍ଯ୍ୟ ଆଦି ଦାବି ରହିଛି। ଏଏସ୍‌ଏର ମହିଳା ମୋର୍ଚ୍ଚା ଜିଲା ସଭାପତି ଆଶା ମୁର୍ମୁ, ଜିଲା ପାର୍ଗାନାର ଗାଇଚାନ ମୁର୍ମୁ, ଭଦ୍ରକ ବ୍ଲକ ସଭାପତି ଭୀମ ମୁର୍ମୁଙ୍କ ନେତୃତ୍ୱରେ ବହୁ ଆଦିବାସୀ ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱର ଉତ୍ତୋଳନ କରିଥିଲେ। ଶେଷରେ ଜିଲାପାଳ ତ୍ରିଲୋଚନ ମାଝିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।


NATIONAL HEALTH MISSION

**ନବଜାତ ଶିଶୁ ଯତ୍ନ ସପ୍ତାହ**
୧୫ - ୨୧ ନଭେମ୍ବର ୨୦୨୧

DSPL - 254

ନିରାପତ୍ତା ଓ ଗୁଣବତ୍ତା ଯୁକ୍ତ ଲାଳନପାଳନ- ପ୍ରତ୍ୟେକ ନବଜାତ ଶିଶୁର ଜନ୍ମଗତ ଅଧିକାର



**ସଚେତନ ରୁହନ୍ତୁ ଓ ନବଜାତ ଶିଶୁର ଉପଯୁକ୍ତ ଯତ୍ନ ନିଅନ୍ତୁ**

- ଶିଶୁକୁ ଧରିବା/ଛୁଇଁବା ପୂର୍ବରୁ ହାତକୁ ସାବୁନ୍‌ରେ ଭଲଭାବରେ ସଫା କରନ୍ତୁ।
- ଶିଶୁର ନାହି ନାଡରେ କିଛି ଲଗାନ୍ତୁ ନାହିଁ।
- କମ୍ ଓଜନର (୨୫୦୦ ଗ୍ରାମ୍‌ରୁ କମ୍) ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଏବଂ କଙ୍ଗାରୁ ମା' ଯତ୍ନ ପଦ୍ଧତି ଆପଣାନ୍ତୁ।
- ଶିଶୁକୁ ଉଷୁମ୍ ରଖିବା ପାଇଁ ମୁଣ୍ଡରେ ଟୋପି, ପାଦରେ ମୋଜା ଏବଂ ଦେହରେ ପରିଷ୍କାର କପଡା ଘୋଡାଇ ମା' ସହିତ ରହିବାକୁ ଦିଅନ୍ତୁ।
- ଶିଶୁ ଜନ୍ମ ପରେ ପରେ ଯଥାଶୀଘ୍ର ସ୍ତନ୍ୟପାନ ଆରମ୍ଭ କରାନ୍ତୁ ।
- ଶିଶୁକୁ ମା'କ୍ଷୀର ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ୬ ମାସ ପର୍ଯ୍ୟନ୍ତ ଦିଅନ୍ତୁ ନାହିଁ ।
- ବିପଦପୂର୍ଣ୍ଣ ଲକ୍ଷଣ ଥିବା ଶିଶୁକୁ ଚିହ୍ନଟ କରିବା ଓ ଆବଶ୍ୟକ ସ୍ଥଳେ ଯଥାଶୀଘ୍ର ଚିକିତ୍ସା ପାଇଁ ଡାକ୍ତରଖାନା ନେବାପାଇଁ ବ୍ୟବସ୍ଥା କରନ୍ତୁ ।
- କୋଭିଡ୍-୧୯ରୁ ସୁରକ୍ଷା ପାଇଁ ଶିଶୁର ଯତ୍ନ ଓ ସ୍ତନ୍ୟପାନ ସମୟରେ ନିଜ ହାତ ଧୋଇବା ସହିତ ମୁହଁରେ ମାସ୍କ ନିଶ୍ଚିତ ଲଗାନ୍ତୁ।
- ଜନ୍ମ ପରେ ଶିଶୁର ବି.ସି.ଜି.,ହେପାଟାଇଟିସ୍ - ବି ଏବଂ ଓ.ପି.ଭି ଟୀକାକରଣ ସୁନିଶ୍ଚିତ କରାନ୍ତୁ।

ଶିଶୁମାନଙ୍କର କୌଣସି ଅସୁସ୍ଥତା ଦେଖାଦେଲେ ତୁରନ୍ତ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ କରି ଡାକ୍ତରଖାନା ନିଅନ୍ତୁ।

ଶିଶୁମାନଙ୍କ ଆବଶ୍ୟକୀୟ ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାଦେୟରେ ଉପଲବ୍ଧ ।

OIPR-10003/13/0087/2122

facebook.com/HFWOdisha
http://www.health.odisha.gov.in/
@HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

